ସକାଳ
THE SAKALA



# ଗରିମାମୟ ମଧୁସୂଦନ

## ଜନ୍ମଜୟନ୍ତୀ ଉପଲକ୍ଷେ

ଜାତୀୟ ଗୌରବ ମଧୁସୂଦନ ଓଡ଼ିଆ ଜାତିର ଇତିହାସରେ ସମସ୍ତଙ୍କଠାରୁ ଅଧିକ ଚିନ୍ତା କରିଥିବା ଓ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି । ଗାନ୍ଧିଜୀ ତାଙ୍କୁ ଗୁରୁର ମର୍ଯ୍ୟାଦା ଦେଇଥିଲେ । ସେହି ସର୍ବୋଚ୍ଚ ଗରିମା ମଣ୍ଡିତ କୁଳପୁରୁଷ ମଧୁସୂଦନ ପ୍ରଥମ ଶିଳ୍ପଦ୍ୟୋଗୀ, ଦଳିତଙ୍କ ପ୍ରଥମ ପ୍ରବକ୍ତା, ପ୍ରଥମ ସଂସ୍କୃତି ଚିନ୍ତକ, ସମବାୟର ପ୍ରଥମ ଉଦ୍ୟୋକ୍ତା, ପ୍ରଥମ ରାଜନୈତିକ ନେତା ଆଉ ପ୍ରଥମ ଶ୍ରମନୀତି ଉଦଘୋଷକ । ଓଡ଼ିଆ ଜାତିର ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟ ପାଇଁ ସେ ନିଜକୁ ନୈବେଦ୍ୟ କରି ଦେଇଥିଲେ । ଆଜି ତାଙ୍କ ଜନ୍ମ ଦିବସ । ଓଡ଼ିଆମାନଙ୍କ ପାଇଁ ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ସ୍ୱାଭିମାନ ଦିବସ । ଆଇନଜୀବୀଙ୍କ ପାଇଁ ଆଇନଜୀବୀ ଦିବସ ।

ମଧୁସୂଦନ ଓଡ଼ିଶାରେ ନବଜାଗରଣର ପଥକୃତ ଥିଲେ । ଭାଷାଭିତ୍ତିକ ପ୍ରଦେଶ ଗଠନରେ ମଧୁସୂଦନ ହିଁ ଥିଲେ ପଥପ୍ରଦର୍ଶକ । ୧୮୮୧ରେ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ ପରେ ମଧୁସୂଦନ ଗୌରୀଶଙ୍କର ରାୟଙ୍କ ଘନିଷ୍ଠତାରେ ୧୮୮୨ରେ ଉତ୍କଳ ସଭା ଗଠନ କରିଥିଲେ । ଓଡ଼ିଆ ଭାଷା ଅଞ୍ଚଳର ମିଶ୍ରଣ ପାଇଁ ୧୮୮୫ରେ ବଙ୍ଗର ଲାଟ ରିଭର୍ସ ଥମ୍ପସନଙ୍କୁ ଉତ୍କଳ ସଭା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ୧୮୯୫ ଜାନୁଆରୀରେ ସମ୍ବଲପୁରର କୋର୍ଟ କଚେରୀରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀକୁ ପ୍ରଶାସନିକ ଭାଷାର ମର୍ଯ୍ୟାଦା ଦିଆଯାଇଥିଲା । ଉତ୍କଳ ସଭା ପକ୍ଷରୁ ମଧୁସୂଦନ ବଡ଼ଲାଟ ଏଲଗିନ୍‌ଙ୍କୁ ପ୍ରତିବାଦପତ୍ର ପଠାଇଥିଲେ । ୧୮୯୭ରେ ଇଂଲଣ୍ଡ ଯାତ୍ରା ସମୟରେ ଭାରତର ସଚିବ ଲର୍ଡ ହାମିଲଟନଙ୍କୁ ପ୍ରତିବାଦପତ୍ର ଦେଇଥିଲେ । ମଧୁସୂଦନଙ୍କ ଉଦ୍ୟମ ଫଳରେ ୧୯୦୩ ଜାନୁଆରୀ ପହିଲାରୁ ସମ୍ବଲପୁରର କୋର୍ଟ କଚେରୀରେ ଓଡ଼ିଆ ଭାଷା ପ୍ରଚଳିତ ହେଲା । ୧୯୦୩ରେ ପ୍ରସାରିତ ରିସଲେ ସର୍କୁଲାର ୧୯୦୫ରେ କାର୍ଯ୍ୟକାରୀ ହେବା ଫଳରେ ଛତିଶଗଡ଼ ଡିଭିଜନରୁ ସମ୍ବଲପୁର, କଳାହାଣ୍ଡି, ପାଟନା, ସୋନପୁର, ବାମଣ୍ଡା, ରେଢ଼ାଖୋଲ ଏବଂ ଛୋଟନାଗପୁର ଡିଭିଜନରୁ ଗାଙ୍ଗପୁର ଆଉ ବଣାସଗଡ଼ ଅଞ୍ଚଳ ଆସି ଓଡ଼ିଶା ଡିଭିଜନରେ ସାମିଲ ହେଲା । ୧୯୦୩ ଡିସେମ୍ବର ୩୦ ଓ ୩୧ରେ ମଧୁସୂଦନ ପ୍ରତିଷ୍ଠା କରିଥିବା ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ କଟକର ଇଦ୍‌ଗାହ ପଡ଼ିଆରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଶାସନ ସୂତ୍ରରେ ଏକତ୍ରୀକରଣ, ଉତ୍କଳର ସର୍ବାଙ୍ଗୀନ ଉନ୍ନତି ଇତ୍ୟାଦି । ୧୯୧୭ରେ ମଣ୍ଟେଗୁ-ଚେମସ୍ଫୋର୍ଡ କମିଟି ନିକଟରେ ମଧୁସୂଦନ ସବୁ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ପ୍ରାଦେଶିକ ଶାସନାଧୀନ ରଖିବା ପାଇଁ ଦାବି କରିଥିଲେ । ନାରାୟଣ ଦେବ ମଧୁସୂଦନଙ୍କ ନିର୍ଦ୍ଦେଶରେ ପାଟଣାଠାରେ ସାଇମନ କମିଶନଙ୍କୁ ଲିବରାଲ ଲିଗ୍ ପକ୍ଷରୁ ବ୍ରଜସୁନ୍ଦର ଦାସ ପ୍ରମୁଖ ସ୍ୱାଗତ ଜଣାଇଥିଲେ । ୧୯୩୨ ଜାନୁଆରୀ ପ୍ରଥମ ସପ୍ତାହରେ ଓଡନେଲ କମିଟି କଟକ ପରିଦର୍ଶନ ବେଳେ ମଧୁସୂଦନ କଟକ ରେଳ ଷ୍ଟେସନକୁ ଯାଇ କମିଟିକୁ ସ୍ୱାଗତ ଜଣାଇଥିଲେ । ମଧୁସୂଦନଙ୍କ ପରାମର୍ଶରେ ୧୯୩୧ ଓ ୧୯୩୩ରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ତିନିଥର ଲଣ୍ଡନ ଯାତ୍ରା ସହ ଗୋଲଟେବୁଲ ବୈଠକରେ ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଦୃଢ଼ବାଦି ଉପସ୍ଥାପନ କରିଥିଲେ । ୧୯୩୩ ଜୁନ୍ ୨୩ରେ ସାର୍ ଜନ୍ ଅଷ୍ଟିନ ହବାକ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଶାସନିକ କମିଟର ସଭ୍ୟ ଥିଲେ ମଧୁସୂଦନ । ୧୯୩୬ ଏପ୍ରିଲ ପହିଲାରେ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠିତ ହେଲା । ଆନ୍ଧ୍ରର ପୋଟି ଶ୍ରୀରାମୁଲୁଙ୍କର ୧୯୫୨ ଡିସେମ୍ବର ୧୫ରେ ଆତ୍ମୋତ୍ସର୍ଗ ଫଳରେ ଅକ୍ଟୋବର ପହିଲାରେ ଆନ୍ଧ୍ରପ୍ରଦେଶ ଗଠିତ ହୋଇଥିଲା । ୧୯୩୬ରେ ସେ ଦିନ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶଟିଏ ମିଳି ନ ଥିଲେ ୧୯୫୭ରେ ପାର୍ଲିଆମେଣ୍ଟରେ ରାଜ୍ୟ ପୁନର୍ଗଠନ ଆଇନପାସ୍ ହେବା ପର୍ଯ୍ୟନ୍ତ ଓଡ଼ିଆମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥାନ୍ତା ।

ମଧୁସୂଦନ ହେଉଛନ୍ତି ସ୍ୱଦେଶୀ ଶିଳ୍ପାୟନର ପ୍ରଥମ ପଥପ୍ରଦର୍ଶକ । ୧୮୯୭ରେ ଲଣ୍ଡନ ଗସ୍ତରୁ ଫେରିବା ପରେ ମଧୁସୂଦନ ସୂକ୍ଷ୍ମ ତାରକସି କାମର ଉନ୍ନତି ଏବଂ ତାରକସି କାରିଗରମାନଙ୍କୁ କାବୁଲି ମହାଜନ ଓ ବ୍ୟବସାୟୀଙ୍କ ଶୋଷଣରୁ ମୁକ୍ତ କରିବା ନିମିତ୍ତ ପ୍ରତିଷ୍ଠା କରିଥିଲେ "ଓଡ଼ିଶା ଆର୍ଟ ଓ୍ୱାର' । ଶିଙ୍ଗ, ହାତୀଦାନ୍ତ, ବେତ ଓ ବାଉଁଶରେ ବିଭିନ୍ନ ସୁରୁଚି ସମ୍ପନ୍ନ ସାମଗ୍ରୀ ତିଆରି ପାଇଁ କାରିଗରମାନଙ୍କୁ ତାଲିମ ଦେବାକୁ ମଧୁସୂଦନ ଏକ ଆର୍ଟ ସ୍କୁଲ ପ୍ରତିଷ୍ଠା କରିଥିଲେ । ୧୯୦୫ରେ ମଧୁବାବୁ ଟ୍ୟାନେରୀ ପ୍ରତିଷ୍ଠା କରିଥିଲେ । ଏଥିରେ ୧୦୦ ଜଣ ମୋଚି ଆଉ ୨୦୦ରୁ ଅଧିକ ମେହେନ୍ତର କାମ କରୁଥିଲେ । ୧୯୨୫ ଅଗଷ୍ଟ ୧୯ ତାରିଖ ମହାତ୍ମା ଗାନ୍ଧୀ ଉତ୍କଳ ଟ୍ୟାନେରୀ ପରିଦର୍ଶନ କରି ଅଭିଭୂତ ହୋଇଥିଲେ । ଗ୍ରାମୀଣ କାରିଗରମାନଙ୍କ ନିମିତ୍ତ ମଧୁସୂଦନ ୧୯୦୦ରେ ଉନ୍ନତ ଚରଖା ପ୍ରଚଳନ କରିଥିଲେ । ୧୯୦୫ରେ ଫ୍ଲାଇଂ ସଟଲ ତନ୍ତ ସାହାଯ୍ୟରେ ବୟନ ପ୍ରଣାଳୀରେ ଉନ୍ନତି ଆଣିଥିଲେ । ଓଡ଼ିଶାରେ ସମବାୟର ଆଦ୍ୟ ପ୍ରବର୍ତ୍ତକ ହେଉଛନ୍ତି ମଧୁସୂଦନ । ୧୯୦୪ ସମବାୟ ଆଇନ ପ୍ରଣୟନର ୬ବର୍ଷ ପୂର୍ବରୁ ୧୮୯୮ରେ ମଧୁସୂଦନ ଭାରତର ଅନ୍ୟତମ ପ୍ରଥମ ସମବାୟ ସମିତି "କଟକ କୋ-ଅପରେଟିଭ୍ ଷ୍ଟୋର' ସ୍ଥାପନ କରିଥିଲେ । ଭାରତୀୟ ମହିଳାମାନଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣର ଅଧିକାର କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଚିରସ୍ମରଣୀୟ । ୧୯୨୨ରେ ପାଟନା ହାଇକୋର୍ଟରେ ମଧୁବାବୁଙ୍କ ପାଳିତ କନ୍ୟା ସୁଧାଂଶୁବାଳା ହାଜରା ଆଇନଜୀବୀ ବୃତ୍ତି ଲାଗି କରିଥିବା ଆବେଦନ ଖାରଜ ହୋଇଥିଲା । ଏହା ବିରୋଧରେ ମଧୁବାବୁ ପ୍ରିଭି କାଉନସିଲ ନିକଟରେ ପ୍ରଥମ ପିଆଇଏଲ୍ ଦାଖଲ କରିଥିଲେ । ମଧୁବାବୁଙ୍କ ଉଦ୍ୟମ ଫଳରେ ଭାରତୀୟ ଆଇନଜୀବୀ ବୃତ୍ତି ସଂଶୋଧିତ ହୋଇ ନାରୀମାନଙ୍କୁ ଅଧିକାର ପ୍ରଦାନ କରାଯାଇଥିଲା । ୧୯୨୪ ଜାନୁଆରୀ ୨୩ରେ ସୁଧାଂଶୁବାଳା କଳା ଗାଉନ ପିନ୍ଧି ମଧୁସୂଦନଙ୍କ ସହ ପାଟନା ହାଇକୋର୍ଟରେ ଅବତୀର୍ଣ୍ଣ ହୋଇଥିଲେ । ୧୮୮୬ରେ ପୁରୀର କଲେକ୍ଟର ମିଷ୍ଟର ସାଭାଜ କଟକ ଜିଲ୍ଲାଜଜ୍ ମିଷ୍ଟର ଡ୍ରାଗନଙ୍କ କୋର୍ଟରେ ଏକ ମୋକଦ୍ଦମା ଦାଏର କରି ସଫଳ ହେଲେ । କଲେକ୍ଟର ଜଣେ ଡେପୁଟି କଲେକ୍ଟର ଏବଂ କନଷ୍ଟେବଲ ସାହାଯ୍ୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଜଉମୁଦ ଭାଙ୍ଗି ସମ୍ପତ୍ତି ତାଲିକା ପ୍ରସ୍ତୁତ କରିବାକୁ ଲାଗିଲେ । ଏହା ବିରୋଧରେ ରାଣୀ ସୂର୍ଯ୍ୟମଣି ପାଟଙ୍କ ଅନୁରୋଧ କ୍ରମେ କଲିକତା ହାଇକୋର୍ଟରେ ମଧୁସୂଦନ ଲଢ଼ିଥିଲେ । ରାଣୀ ବିଜୟୀ ହେଲେ । ମଧୁସୂଦନଙ୍କ ଉଦ୍ୟମରେ କଲିକତା ବିଶ୍ୱବିଦ୍ୟାଳୟରେ ୧୯୦୨ରେ ଏଫ୍‌ଏ ଏବଂ ବିଏରେ ଓଡ଼ିଆ ପାଠ୍ୟ ନିର୍ଘଣ୍ଟରେ ସ୍ଥାନ ପାଇଥିଲା । ୧୯୦୪ରେ ମଧୁସୂଦନ କ୍ରୀଡ଼ା କ୍ଷେତ୍ରରେ ସର୍ବପ୍ରଥମ ଅନୁଷ୍ଠାନ ଓଡ଼ିଶା ସ୍ପୋର୍ଟସ ଆସୋସିଏସନ ଗଠନ କରିଥିଲେ । କିନ୍ତୁ ତାଙ୍କ ଅସ୍ଥିରେ ଓଡ଼ିଆ ଅସ୍ମିତାର ବଜ୍ର ତିଆରି ହୋଇପାରିଲା ନାହିଁ । କାରଣ ସେପରି ନେତୃତ୍ୱ ୧୯୪୭ ପରେ ଓଡ଼ିଶାରେ ମିଳିଲେ ନାହିଁ । ମଧୁସୂଦନ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ, ଗାରିମା ଆଉ ଅସ୍ମିତା ପ୍ରଦାନ କରିଥିଲେ । ଆଜି ଆମେ କେବଳ କ୍ଷମାପ୍ରାର୍ଥୀ ହୋଇ ଠିଆହୋଇଛେ କୌଣସି ଜଣେ ଇନ୍ଦ୍ରର ଅପେକ୍ଷାରେ ।

ଡକ୍ଟର ଧରଣୀଧର ନାଥ
ପ୍ରାକ୍ତନ ସଭାପତି
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଚାକିରି ନାଁରେ ୨୦ଲକ୍ଷ ଠକେଇ; ଜଣେ ଗିରଫ

ତାଳଚେର,୨୬ ।୪(ସମିସ):

ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା ଅନ୍ତର୍ଗତ ଭରତପୁର କୋଇଲା ଖଣି ସାଇଲୋରେ ଚାକିରି ଦେବାକୁ କହି ୨୦ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ତାଳଚେର ଜାମ୍ବୁବାହାଲି ଗ୍ରାମର ଶତ୍ରୁଘ୍ନ ରଣା । ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣ ଫେରାର ହୋଇଯାଇଛନ୍ତି । ଅଭିଯୁକ୍ତମାନେ ଏମସିଏଲ ସାଇଲୋରେ ଚାକିରି କରିଦେବାକୁ କହି ୨୬ଜଣଙ୍କ ନିକଟରୁ ଏହି ଟଙ୍କା ହଡ଼ପ କରିଥିଲେ । ଠକେଇର ଶିକାର ଲୋକେ ରବିବାର ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ।



ସୂଚନା ମୁତାବକ, ଅଭିଯୁକ୍ତମାନେ ଚାକିରି ଆଶାୟୀମାନଙ୍କୁ ନକଲି ନିଯୁକ୍ତିପତ୍ର ପ୍ରଦାନ କରି ଟଙ୍କା ଠକିନେବା ପରେ ଖଣି ପରିସର ଏକ ଗୃହରେ ଫଟୋ ଉଠାଇ ତାଙ୍କ ହାଜିରା ପଡୁଛି କହି ଠକି ଚାଲିଥିଲେ । କିଛି ମାସପରେ ତାଙ୍କୁ କୌଣସି ଦରମା ମିଳି ନ ଥିଲା । ଫଳରେ ଏ ସଂକ୍ରାନ୍ତରେ ଠକେଇର ଶିକାର ଯୁବକମାନେ କମ୍ପାନୀ ଓ ଖଣିର ବିଭିନ୍ନ ଲୋକଙ୍କୁ ପଚରାଉଚରା କରିବା ପରେ ସେମାନଙ୍କ ନିଯୁକ୍ତିପତ୍ର ମିଥ୍ୟା ବୋଲି ଜାଣିବାକୁ ପାଇଥିଲେ । ଟଙ୍କା ଫେରାଇ ଦେବାକୁ ଅଭିଯୁକ୍ତମାନଙ୍କୁ ବାରମ୍ବାର କହିବା ସତ୍ତ୍ୱେ ସେମାନେ କର୍ଣ୍ଣପାତ କରି ନ ଥିଲେ । ଶେଷରେ କୌଣସି ଉପାୟ ନ ପାଇ ଠକେଇର ଶିକାର ଯୁବକମାନେ ଗୋପାଳପ୍ରସାଦ ଥାନାରେ ଅଭିଯୋଗ କରିଥିଲେ ।

# ବନ୍ଦ ଥିବା ୩ ପାଠାଗାର ଖୋଲିବ କେବେ

ତାଳଚେର,୨୬ ।୪(ସମିସ): ତାଳଚେର ପୌରପରିଷଦରେ ଦୀର୍ଘବର୍ଷରୁ ରାମଚନ୍ଦ୍ର ବଜାର, ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ଓ ନୂଆ ବସଷ୍ଟାଣ୍ଡରେ ପାଠାଗାର ଥିଲା । ଏଥିରେ ସମସ୍ତ ପ୍ରକାର ମୁନିଋଷି, ବହୁ ପ୍ରତିଷ୍ଠିତ ଲେଖକଙ୍କ ପୁସ୍ତକ ଏପରିକି ସମସ୍ତ ଖବରକାଗଜ ପାଠାଗାରକୁ ଆସିଥାଏ । ଏହି ପାଠାଗାରକୁ ଦୈନିକ ଶହଶହ ପାଠକ ବିଭିନ୍ନ ପୁସ୍ତକ ଓ ଖବରକାଗଜ ପଢ଼ିବା ପାଇଁ ଆସିଥାନ୍ତି । ଏଥିସହ ଛାତ୍ରଛାତ୍ରୀମାନେ ମଧ୍ୟ ବିଭିନ୍ନ ପୁସ୍ତକ ପଢ଼ି ଶିକ୍ଷାଲାଭ କରିଥାନ୍ତି । ମାତ୍ର ୩ଟିଯାକ ପାଠାଗାରକୁ କାହିଁକି ବନ୍ଦ କରିଦିଆଗଲା ଓ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ପୁସ୍ତକ ଏବେ କୁଆଡ଼େ ଗଲା ବୋଲି ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ ।

ଏହି ପାଠାଗାରଗୁଡ଼ିକ ପୌରପରିଷଦ ଗଠନ ପରଠାରୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏହାର ଭିତ୍ତିଭୂମି ନିର୍ମାଣ କରିଥିଲେ । ଏଥିରେ ବହୁ ଗରିବ ଛାତ୍ରଛାତ୍ରୀ ମଧ୍ୟ ଉପକୃତ ହୋଇପାରୁଥିଲେ । ଫାଷ୍ଟଗେଟ୍ ରାମଚନ୍ଦ୍ର ବଜାର ମଧ୍ୟରେ ଯେଉଁ ପାଠାଗାର ଥିଲା ସେହି ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ତାକୁ ମରାମତି କରି ପାଠାଗାର କରିବା ପରିବର୍ତ୍ତେ ଜଣେ ବ୍ୟବସାୟୀଙ୍କୁ ଭଡ଼ା ସୂତ୍ରରେ ଦିଆଯାଇଥିବା ଜଣାପଡ଼ିଛି । ସେହି ପାଠାଗାରରେ ଥିବା ପୁସ୍ତକଗୁଡ଼ିକ କେଉଁଆଡ଼େ ଉଭାନ ହୋଇଯାଇଛି । ସେହିପରି ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ମଧ୍ୟରେ ଯେଉଁ ପାଠାଗାର ଥିଲା ଏବଂ ସେଥିରେ ଯେଉଁ ପୁସ୍ତକ ରହିଥିଲା ତାହା ମଧ୍ୟ ଆଉ ଦେଖିବାକୁ ମିଳୁନାହିଁ । ବସଷ୍ଟାଣ୍ଡ ମଧ୍ୟରେ ଥିବା ପାଠାଗାରକୁ କାହିଁକି ଓ କାହା ସ୍ୱାର୍ଥପାଇଁ ବନ୍ଦ କରି ବ୍ୟବସାୟୀଙ୍କୁ ଭଡ଼ାସୂତ୍ରରେ ଦିଆଗଲା ବୋଲି ପ୍ରଶ୍ନ ଉଠିଛି । ଏହି ୩ଟିଯାକ ପାଠଗାର ପୁନଃ ଚାଲୁ କରିବାକୁ ସାଧାରଣରେ ଦାବି ହେଉଛି ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



କଣିହାଁ,୨୬ ।୪(ସମିସ): ଟୋଲକବେଡ଼ା ଖେଳ ପଡ଼ିଆରେ ଶୁକ୍ରବାର ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଛି । ଏହି ଅବସରରେ ଗ୍ରାମ ପଞ୍ଚାୟତ ସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯନ୍ତ୍ରୀ ଘନଶ୍ୟାମ ପଟେଲ, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଓ ଦିଲୀପ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ସମଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଳିତ ମୋହନ ନାଏକ, ବଡ଼ତ୍ରିବିଡ଼ା ପଞ୍ଚାୟତର ପ୍ରଶାନ୍ତ କୁମାର ପ୍ରଧାନ ଓ ବଜ୍ରକୋଟ ପଞ୍ଚାୟତର ଏଡିଇଓ ରଞ୍ଜନ କୁମାର ଖିଲାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଣିହାଁ ପଞ୍ଚାୟତ ସମିତିର ପିଅନ ସୀତାକାନ୍ତ ପାଣିଙ୍କୁ ସମ୍ମାନିତ କରାଯାଇଥିଲା । କଣିହାଁ ଓ ହନୁମାନପୁର ପଞ୍ଚାୟତର ସରପଞ୍ଚଙ୍କୁ ବ୍ଲକ ପ୍ରଶାସନ ସହ ଉତ୍ତମ ସମନ୍ୱୟ ଓ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୨୫ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା । ପୂର୍ବରୁ ଗୃହ ପାଇଥିବା ୨ ଜଣ ହିତାଧିକାରୀଙ୍କୁ ୪ ମାସ ମଧ୍ୟରେ ନିର୍ମାଣ ସମ୍ପୂର୍ଣ୍ଣ କରିଥିବାରୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ବିଡିଓ ତ୍ରିବିକ୍ରମ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ଏବିଡିଓ ସୁତୀକ୍ଷ୍ଣା ମହାପାତ୍ର, ସହକାରୀ ଯନ୍ତ୍ରୀ ଚିନ୍ମୟ ମିଶ୍ରଙ୍କ ସମେତ ବ୍ଲକର କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ ।

# ଭେଙ୍କଟ ବାଗ୍ରୋଡ଼ିଆ ଅନୁଗୋଳ ବିଧାୟକଙ୍କ ହସ୍ପିଟାଲ ପ୍ରତିନିଧି ନିଯୁକ୍ତ



ଅନୁଗୋଳ,୨୬ ।୪(ସମିସ): ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ହସ୍ପିଟାଲ ପାଇଁ ତାଙ୍କ ପ୍ରତିନିଧି ନିଯୁକ୍ତ କରିଛନ୍ତି । ଏହି ନିଯୁକ୍ତି ବିଷୟରେ ବିଧାୟକ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରିଛନ୍ତି । ବିଧାୟକ ତାଙ୍କ ନିକଟତମ ସହଯୋଗୀ ତଥା ପୂର୍ବତନ କାଉନସିଲର ଭେଙ୍କଟ ବାଗ୍ରୋଡ଼ିଆଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି । ବିଧାୟକଙ୍କ ଅନୁପସ୍ଥିତିରେ ବାଗ୍ରୋଡ଼ିଆ ଅନୁଗୋଳ ହସ୍ପିଟାଲରେ ତାଙ୍କ ପ୍ରତିନିଧିତ୍ୱ କରିବେ । ମାରୱାଡି ସମ୍ପ୍ରଦାୟ ବିଧାୟକଙ୍କ ନିଯୁକ୍ତିକୁ ଏକ ଉପହାର ଭାବେ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି । ବାଗ୍ରୋଡ଼ିଆ ସର୍ବଦା ସାମାଜିକ ଏବଂ ରାଜନୈତିକ କାର୍ଯ୍ୟରେ ଆଗୁଆ ରହିଛନ୍ତି । ତାଙ୍କ ନିଯୁକ୍ତି କେବଳ ତାଙ୍କ ସମର୍ଥକଙ୍କୁ ନୁହେଁ ବରଂ ସମଗ୍ର ମାରୱାଡି ସମ୍ପ୍ରଦାୟକୁ ଉତ୍ସାହିତ କରିଛି ବୋଲି ମତ ପ୍ରକାଶ ପାଇଛି ।

# ବାରହା ମାଂସ, ବୋମା ଜବତ; ୨ ଗିରଫ



ଅନୁଗୋଳ,୨୬ ।୪(ସମିସ): କଣିହାଁ ରେଞ୍ଜ ଅନ୍ତର୍ଗତ ବଡ଼କାଠିଆ ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ବନ ବିଭାଗକୁ ମିଳିଛି ବଡ଼ ସଫଳତା । ରବିବାର ଭୋର ପ୍ରାୟ ୫ଟାରେ କୁମୁଣ୍ଡା ବିଟ୍ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବନ ବିଭାଗ ଟିମ୍ ଦୁଇ ଶିକାରୀଙ୍କୁ କାବୁ କରିଛି । ସେମାନେ ହେଲେ ସାନତ୍ରିବିଡ଼ା ଗ୍ରାମର ଭରତ ସାହୁ ଓ କ୍ଷୀର ଭୂତିଆ । ସେମାନଙ୍କ ନିକଟରୁ ଏକ ମୃତ ମାଈ ବାରହା ସହ ୧୨ଟି ହାତତିଆରି ବୋମା ଓ ୨ଟି କୁରାଢ଼ି ଜବତ କରାଯାଇଛି । ପଚରାଉଚରା ବେଳେ ଅଭିଯୁକ୍ତମାନେ ବୋମା ସାହାଯ୍ୟରେ ଶିକାର କରିଥିବା ସ୍ୱୀକାର କରିଛନ୍ତି । ଏ ନେଇ ବନ ବିଭାଗ ପକ୍ଷରୁ ଏକ ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ବନପାଳ ଦୀପକ କୁମାର ସେଠୀଙ୍କ ନେତୃତ୍ୱରେ ଦୀପକ କୁମାର ସାହୁ, ସଂସାର ସାହୁ, ପବିତ୍ର ମୋହନ ପ୍ରଧାନ, ଧ୍ରୁବଚରଣ ସାହୁ, ଅନିରୁଦ୍ଧ ପ୍ରଧାନ ଓ ଧୂଳେଶ୍ୱର ବେହେରା ଏହି ଚଢ଼ଉରେ ସାମିଲ ଥିଲେ ।

# ଡ୍ରେନ୍‌ର ଦୁର୍ଗନ୍ଧରେ ନାକ ଫାଟି ପଡୁଛି

● ମଶା, ମାଛିଙ୍କ ବଂଶବୃଦ୍ଧି, ପ୍ରତିକାର ନାହିଁ



ଅନୁଗୋଳ,୨୬ ।୪(ସମିସ): ତାଳଚେର ପୌରପରିଷଦର ୨୧ ଓ୍ୱାର୍ଡରେ ଥିବା ଡ୍ରେନ୍‌ଗୁଡ଼ିକରେ କେଉଁଠି ସ୍ଲାବ୍ ପଡ଼ିଥିବା ବେଳେ ଆଉ କେଉଁଠି ମୁକ୍ତଳା । ସରକାର ସ୍ୱଚ୍ଛଭାରତ ନାମରେ କର ଆଦାୟକରି ଓ୍ୱାର୍ଡବାସୀଙ୍କୁ କିପରି ସେବା ଯୋଗାଇ ଦିଆଯିବ ସେ ନେଇ ପ୍ରଚାରପ୍ରସାର ଓ କାର୍ଯ୍ୟାଳୟରେ ହୋର୍ଡିଂ ବ୍ୟାନର ମାରୁଥିବା ବେଳେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି ତାଳଚେର ପୌର ପରିଷଦରେ । ପ୍ରତ୍ୟେକ ଦିନ କାର୍ଯ୍ୟାଳୟ ପକ୍ଷରୁ ଡ୍ରେନ୍‌ନଗୁଡ଼ିକରେ ମଶାତେଲ ପଡୁ ନ ଥିବାରୁ ମଶା ମାଛିଙ୍କ ପ୍ରଦୁର୍ଭାବରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି । ଡ୍ରେନ୍‌ନଗୁଡ଼ିକ ନିୟମିତ ସଫେଇ ହେଉ ନ ଥିବାରୁ ସେଥିରେ ଆବର୍ଜନା ଜମା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି । ଡ୍ରେନ୍‌ରୁ ନିର୍ଗତ ଦୁର୍ଗନ୍ଧରେ ନାକ ଫାଟିପଡ଼ିବା ସହ ଖରା ପଡ଼ିବା ମାତ୍ରେ ଉତ୍ତାପରେ ଦୁର୍ଗନ୍ଧ ବ୍ୟାପୁଚି । ବିଭିନ୍ନ ସଫେଇ କାର୍ଯ୍ୟରେ ଠିକା ଓ ସରକାରୀ ଭାବେ ଶହେରୁ ଊର୍ଦ୍ଧ୍ୱ କର୍ମଚାରୀ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେଜଣ କେବଳ ଉପର ଠାଉରିଆ କାର୍ଯ୍ୟ କରି ଚାଲି ଯାଉଥିବା ବେଳେ ଅନ୍ୟ ଯେଉଁମାନେ ରହିଲେ କେବଳ ସେମାନଙ୍କ ନାମରେ ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ । ଏହାର ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବା ସହିତ ଓ୍ୱାର୍ଡବାସୀ ମଶା ଦାଉରୁ ରକ୍ଷାପାଇବେ ବୋଲି ମତ ପ୍ରକାଶ ପାଇଛି ।

# ଏସ୍‌ସି-ଏସ୍‌ଟି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ବୈଠକ



ଅନୁଗୋଳ,୨୬ ।୪(ସମିସ): ଅନୁଗୋଳ ବ୍ଲାକ ଡାଇମଣ୍ଡ ସଭାଗୃହରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି-ଏସ୍‌ଟି) କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ରାଜ୍ୟସ୍ତରୀୟ ୧ମ କାର୍ଯ୍ୟକାରିଣୀ ସମିତି ବୈଠକ ରାଜ୍ୟ ସଭାପତି ଗଙ୍ଗାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ଜିଲ୍ଲାର ସଭାପତି, ସାଧାରଣ ସମ୍ପାଦକମାନେ ଯୋଗଦେଇ ନିଜ ଜିଲ୍ଲାର ବିବରଣୀ ଉପସ୍ଥାପନ କରିଥିଲେ । ସଂଗଠନ ପ୍ରତି ସଦସ୍ୟମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ସାଙ୍ଗଠନିକ ସୁଦୃଢ଼ୀକରଣ ପାଇଁ ରାଜ୍ୟର ସମସ୍ତ ବ୍ଲକସ୍ତରୀୟ ପରିଷଦ ଗଠନ ପାଇଁ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ କିଶୋର ମାଝୀ ପରିଷଦର ବିବରଣୀ ପାଠ କରିବା ସହ ବିଭିନ୍ନ ପ୍ରସ୍ତାବ ପାରିତ ନିମନ୍ତେ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ପ୍ରତି ଚାକିରି ତଥା ପଦୋନ୍ନତି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା ହୋଇଥିଲା । ଦୀର୍ଘ ୭୯ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଓଡ଼ିଶାରେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଗ୍ରୁପ ଏ, ବି, ସି, ଡି ପଦବୀଗୁଡ଼ିକରେ ଆଜିପର୍ଯ୍ୟନ୍ତ ଏସ୍‌ସି-ଏସ୍‌ଟି ବର୍ଗର ଲୋକଙ୍କ ଆଶାନୁରୂପ ପ୍ରତିନିଧିତ୍ୱ ହୋଇପାରି ନାହିଁ । କର୍ମଚାରୀଙ୍କ ଚାକିରିଗତ, ବ୍ୟକ୍ତିଗତ ସମସ୍ୟା, କ୍ୟାଡରଭିତ୍ତିକ ସାମୂହିକ ସମସ୍ୟା ଓ ପ୍ରମୋଶନ ସମସ୍ୟା ଦୂର ସହ ସରକାରଙ୍କ ନିକଟରେ ପରିଷଦ ତରଫରୁ ତିନିଟି ମୁଖ୍ୟ ଦାବି ଯଥା ରାଜ୍ୟରେ ସମ୍ପ୍ରତି ପଦୋନ୍ନତି କ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ, ସମ୍ବିଧାନର ଧାରା କାର୍ଯ୍ୟକାରିତା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ, ଓଆର୍‌ଭି ଆକ୍ଟ୍ୟୁଟ୍ ଆବଶ୍ୟକ ସଂଶୋଧନ ନିମନ୍ତେ ପଦକ୍ଷେପ ଗ୍ରହଣ, ରାଜ୍ୟ ତଥା ପ୍ରତି ଜିଲ୍ଲା ଓ ବ୍ଲକ ମୁଖ୍ୟାଳୟରେ ପରିଷଦର କାର୍ଯ୍ୟାଳୟ ନିମନ୍ତେ ସରକାରୀ କ୍ୱାର୍ଟର୍ସ ଓ ଜାଗା ପ୍ରଦାନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରାଜ୍ୟ ସଂଗଠନ କର୍ମକର୍ତ୍ତା ମୀନକେତନ ମାଝୀ, ପୃଥ୍ୱୀରାଜ ହାବା, ଜିତେନ୍ଦ୍ର ବେହେରା, ଅନିଲ କୁମାର ମଲ୍ଲିକ, ଅସିତ କୁମାର ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ । ଅନୁଗୋଳ ଜିଲ୍ଲା ଶାଖା ସଭାପତି ଲଳିତ ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନଗଣନାକାରୀଙ୍କୁ ହଇରାଣ କଲେ, ଭୁଲ୍ ମାଗିଲେ

ଅନୁଗୋଳ,୨୬ ।୪(ସମିସ): ନିକଟରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଜନଗଣନା କର୍ମଚାରୀଙ୍କୁ ଆକ୍ରମଣ କରି ପରିବାରର ତିନିଜଣ ଜେଲ ଯିବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଅନୁଗୋଳରେ ଶିକ୍ଷିତ ଲୋକ ରହୁଥିବା ଏକ ଅପାର୍ଟମେଣ୍ଟରେ ଜନଗଣନାକାରୀଙ୍କୁ ହଇରାଣ କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଗତ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଖୋଦ୍ ପୌର ନିର୍ବାହୀ ଅଧିକାରୀ, ଆସିଷ୍ଟାଣ୍ଟ ସେନ୍‌ସସ୍ ଅଧିକାରୀ, ସୁପରଭାଇଜର, ଏନ୍ୟୁମରେଟର ଏବଂ ଜଣେ ମହିଳା କର୍ମଚାରୀ ଗାନ୍ଧୀ ମାର୍ଗସ୍ଥିତ ପିକେ ମିଶ୍ର କମ୍ପ୍ଲେକ୍ସକୁ ଜନଗଣନା ଡ୍ୟୁଟିରେ ଯାଇଥିଲେ । ତେବେ ସେଠାରେ ଉପସ୍ଥିତ ସିକ୍ୟୁରିଟି ଗାର୍ଡ ଅଧିକାରୀମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ ବରଂ ଦୁର୍ବ୍ୟବହାର କରିଥିଲେ । ପରେ ଅପାର୍ଟମେଣ୍ଟ ପରିଚାଳକଙ୍କୁ ଫୋନ ଯୋଗେ ଯୋଗାଯୋଗ ପରେ ମଧ୍ୟ ସେମାନେ କୌଣସି କଥା ଶୁଣି ନ ଥିଲେ । ବାଧ୍ୟହୋଇ କର୍ମଚାରୀମାନେ ଫେରିବା ସହ ଆକ୍ସନ ମୁଡ୍‌କୁ ଓହ୍ଲାଇଥିଲେ । ଉକ୍ତ ଅଞ୍ଚଳର ସ୍ୱଚ୍ଛ ସବାରୀ ସେବାକୁ ବନ୍ଦ କରି ଦିଆଯାଇଥିଲା । ତିନିଦିନ ଧରି କଟକଣା ପରେ ବାଧ୍ୟ ହୋଇ ଅପାର୍ଟମେଣ୍ଟ ସଭାପତି ପୌର କାର୍ଯ୍ୟାଳୟକୁ ଆସି ଭୁଲ୍ ମାଗିବା ସହ ଜନଗଣନା କାର୍ଯ୍ୟରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ବାଜି ରାଉତ ଛାତ୍ରାବାସକୁ ୮୦ ବର୍ଷ ପୂରିଲା

# ଗାନ୍ଧିଜୀ ଓ ଟାଗୋରଙ୍କ ସ୍ୱପ୍ନ ଏଠାରେ ସାକାର ହୋଇଛି

ଅନୁଗୋଳ,୨୬ ।୪(ସମିସ):

ମସ୍ତିଷ୍କର ବିକାଶ, ହୃଦୟର ଉଦାରତା ତଥା ହାତକୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ୮୦ ବର୍ଷ ତଳେ ଯେଉଁ ସ୍ୱପ୍ନ ନେଇ ୧୯୪୬ରେ ଗିରିଜା ଭୂଷଣ ଦତ୍ତଙ୍କ ବଗିଚାରେ ଆରମ୍ଭ ହୋଇଥିବା ବାଜି ରାଉତ ଛାତ୍ରାବାସ କେବଳ ଅନୁଗୋଳ କି ଓଡ଼ିଶା ନୁହେଁ ସମଗ୍ର ଦେଶରେ ଗର୍ବର ସହ ମୁଣ୍ଡଟେକି ଛିଡ଼ା ହୋଇରହିଛି । ଭାରତଛାଡ଼ ଆନ୍ଦୋଳନ କାଳରେ ଜେଲରେ ବନ୍ଦୀ ଥିବା ବେଳେ ମାଳତୀ ଦେବୀଙ୍କୁ ଢେଙ୍କାନାଳ ରାଜାଙ୍କ ଜେଲରେ ବନ୍ଦୀ ଥିବା ପ୍ରଜାମଣ୍ଡଳ କର୍ମୀମାନଙ୍କ ନିବେଦନ ଯୋଗୁଁ ଏହି ଛାତ୍ରାବାସ ଆରମ୍ଭ ହୋଇଥିଲା । ନିଜର ଦୁଇ ଗୁରୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ମୌଳିକ ଶିକ୍ଷା ଓ କବି ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଶାନ୍ତିନିକେତନର ଶିକ୍ଷାର ଅବିକଳ ଛାପ ମାଳତୀ ଦେବୀଙ୍କ ଏହି ହାତଗଢ଼ା ଅନୁଷ୍ଠାନରେ ଦେଖିବାକୁ ମିଳିଥାଏ । ୮୦ ବର୍ଷରେ ପ୍ରାୟ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଏହି ଶିକ୍ଷାନୁଷ୍ଠାନର ପିଲାମାନେ



ଶିକ୍ଷାଠାରୁ ଆରମ୍ଭ କରି ଗୋଶାଳା, ସୂତାକଟା, କୃଷି କର୍ମଠାରୁ ଆରମ୍ଭ କରି କମ୍ପ୍ୟୁଟର ଶିକ୍ଷା ଯାଏ ବିଭିନ୍ନ ଜ୍ଞାନକୌଶଳରେ ପାରଙ୍ଗମ ହୋଇଛନ୍ତି । ମାଳତୀ ଦେବୀଙ୍କ ସହ ନବକୃଷ୍ଣ ଚୌଧୁରୀ, ସାରଙ୍ଗଧର ଦାସ, ଋଷି ବେହେରା, ଚିତ୍ତରଞ୍ଜନ ଦାସ, ବଳଭଦ୍ର ମିଶ୍ର, ଦିବାକର ପ୍ରଧାନ, ଲୋକନାଥ ପ୍ରଧାନ, ସର୍ବେଶ୍ୱର ନାୟକ, ବଣୀ ଅପା, ଉତ୍ତରା ଦେଶାଇ, କିରଣଲେଖା ମହାନ୍ତି, କସ୍ତୁରୀ ଚରଣ ମଳିକ, ବୈକୁଣ୍ଠନାଥ ମହାନ୍ତି ପ୍ରମୁଖ ଅନେକ ସଂଗ୍ରାମୀ ଏହି ଅନୁଷ୍ଠାନ ନିର୍ମାଣର ପ୍ରଚ୍ଛଦପଟ୍ଟରେ ରହିଛନ୍ତି । ଦେଶ ଯେତେବେଳେ ବେରୋଜଗାରୀ ଓ ଅନ୍ଧ ଧର୍ମିତା ତଥା କର୍ପୋରେଟ ପ୍ରୀତିରେ ପଡ଼ିଛି, ସେତିକିବେଳେ ବାଜି ରାଉତ ଛାତ୍ରାବାସରେ ସ୍ୱଦେଶୀ, ସର୍ବଧର୍ମ ସମଭାବ, ସ୍ୱାବଲମ୍ବନ ଶିକ୍ଷାପ୍ରଣାଳୀ ଏ ଦେଶକୁ ଉଚିତ ମାର୍ଗରେ ପରିଚାଳିତ କରିପାରିବ । ଛାତ୍ରାବାସର ୮୦ତମ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ମୁଖ୍ୟବକ୍ତା ଭାବେ ପରିବେଶବିତ ସ୍ୱପ୍ନା ଷଡ଼ଙ୍ଗୀ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ପିଲାମାନଙ୍କ ଦ୍ୱାରା ହାତଲେଖା ପତ୍ରିକା ବାଜି ଉନ୍ମୋଚିତ ହେବାସହ ଡ. ଚୈତନ୍ୟ ଚରଣ ସାହୁଙ୍କ ଦ୍ୱାରା ଲିଖିତ ସତ୍ୟବାଦୀର ସନ୍ଥ ପୁସ୍ତକ ଲୋକାର୍ପିତ ହୋଇଥିଲା । ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ଇଂ ଧନେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଛାତ୍ରାବାସର ଉପସଭାନେତ୍ରୀ ଡ. ଇନ୍ଦିରା ଦାଶ, ସୁକାନ୍ତି ମଞ୍ଜରୀ ଚାନ୍ଦବା, ଆନନ୍ଦ ଚନ୍ଦ୍ର ମହାପାତ୍ର, ସୁବ୍ରତ ସାହୁ, ଲିପିକା ମହାପାତ୍ର, ଶ୍ରୀକାନ୍ତ ସାହୁ, ରମାମଞ୍ଜରୀ ଗଡ଼ନାୟକ, ରାଜଲକ୍ଷ୍ମୀ ମହାନ୍ତି, ଲଳିତା ନାୟକ, ଶକ୍ତି ବେହେରା, ମୁରଲୀଧର ମୁଳିଆ, ଆହାସ ବୀର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରାବାସର ପ୍ରଥମ ବର୍ଷ ଛାତ୍ରୀ କୃଷ୍ଣା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗାନ୍ଧୀବାଦୀ ଡା. ବିଶ୍ୱଜିତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଜାତା ପ୍ରୀତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ ।



# ଅନୁମତି ନ ଥାଇ ବ୍ରାହ୍ମଣୀରୁ ବାଲି ଉତ୍ତୋଳନ



ପରଜଙ୍ଗ,୨୬ ।୪(ସମିସ):

ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଉପରେ ରୋକ୍ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ଖଣି ବିଭାଗ ସମସ୍ତ ଦାୟିତ୍ୱ ତୁଲାଇଥିଲେ ମଧ୍ୟ ରାଜସ୍ୱ, ଆରକ୍ଷୀ, ବନ ବିଭାଗକୁ ମଧ୍ୟ ଚଢ଼ାଉ କରି ମାମଲା ରୁଜୁ କରିବା ସହ ଜୋରିମାନା ଆଦାୟ କରିବା ପାଇଁ କ୍ଷମତା ପ୍ରଦାନ କରିଥିଲେ ହେଁ ପରଜଙ୍ଗ ତହସିଲ ଅଞ୍ଚଳରେ ଖୋଲମଖୋଲା ସମସ୍ତ

## ପ୍ରଶାସନ ନିରବଦ୍ରଷ୍ଟା

ନିୟମକୁ ଫୁ କରି ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ପରେ ମଧ୍ୟ ନିରବଦ୍ରଷ୍ଟା ସାଜିଛନ୍ତି ପ୍ରଶାସନ । ଅଭିଯୋଗ ମୁତାବକ କିଛି ଦିନ ହେବ ପରଜଙ୍ଗ ତହସିଲ ଅନ୍ତର୍ଗତ ଜଟିଆ ଗ୍ରାମ ବ୍ରାହ୍ମଣୀ ନଦୀରୁ ତିନୋଟି ଏସ୍କାଭେଟର ଲଗାଇ ନଦୀ ଗର୍ଭରେ ପାଖାପାଖି ଏକ କିଲୋମିଟର କୃତ୍ରିମ ରାସ୍ତା ନିର୍ମାଣ କରି ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ଦେଖିବାକୁ ମିଳିଛି । ଅପରପାର୍ଶ୍ୱରେ ଥିବା ତାଳଚେର ତହସିଲ ଅନ୍ତର୍ଗତ ସନ୍ଥପଡ଼ା-କ ବାଲିଘାଟ ନିଲାମ ହୋଇଥିବା ବେଳେ ସେଠାରେ ଜଳସ୍ରୋତ ପ୍ରଖର ଥିବାରୁ ନିଲାମଧାରୀ ସମସ୍ତ ପ୍ରକାର ପରିବେଶ ମଞ୍ଜୁରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଥିବା ସମସ୍ତ ନିୟମକୁ ବେଖାତିର କରି ପରଜଙ୍ଗ ତହସିଲ ଅନ୍ତର୍ଗତ ଜଟିଆ ଗ୍ରାମ ବ୍ରାହ୍ମଣୀ ନଦୀଗର୍ଭରୁ ବେଆଇନ ଭାବେ ବାଲି ଉତ୍ତୋଳନ ଜାରି ରଖିଛି । ଗୋଟିଏ ଜିଲ୍ଲା ତଥା ତହସିଲ ଅଧିନରେ ଥିବା ବାଲିଘାଟରୁ ବାଲି ଉତ୍ତୋଳନ ନକରାଯାଇ ଅନ୍ୟ ଜିଲାର ତହସିଲ ଅଞ୍ଚଳରୁ କିପରି ବାଲି ଉତ୍ତୋଳନ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହି ସଂକ୍ରାନ୍ତରେ ତାଳଚେର ଶାଖା ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ସାମଲ କହିଛନ୍ତି କି ସନ୍ଥପଡ଼ା-କ ବାଲିଘାଟ ଯେଉଁ ପର୍ଯ୍ୟନ୍ତ ତାଙ୍କର ରହିଛି ଅଭିଯୋଗ ପରେ ଯୁଗ୍ମ କମିଟି ଉପସ୍ଥିତିରେ ଚିହ୍ନଟ କରି ଦିଆଯାଇଛି ଏବଂ ପରଜଙ୍ଗ ତହସିଲ ଜାଗା ଦେଇ ବାଲି ଉତ୍ତୋଳନ ବା ପରିବହନ ନିମନ୍ତେ ନିଲାମଧାରୀ ଅନୁମତି ଉକ୍ତ କାର୍ଯ୍ୟାଳୟ ଜାଣିଥିବେ । ସେହିପରି ଭାବେ ସରାଙ୍ଗ ରାଜସ୍ୱ ନୀରିକ୍ଷକ କୁହନ୍ତି କି ଖଣି ବିଭାଗ ଓ ଆମ କାର୍ଯ୍ୟାଳୟ ପକ୍ଷରୁ ବାଲିଘାଟ ଚିହ୍ନଟ ହୋଇଛି କିନ୍ତୁ ଆମ ଏରିଆ ଦେଇ ଗାଡ଼ି ଚଳାଚଳ ନିମନ୍ତେ କୌଣସି ଅନୁମତି ପାଇଁ ଆବେଦନ ହୋଇନାହିଁ । ପରଜଙ୍ଗ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୈଣସି ଅନୁମତି ନଥାଇ ମଧ୍ୟ ଉକ୍ତ ନିଲାମଧାରୀ ଖୋଲମଖୋଲା ଏସ୍କାଭେଟର ଲଗାଇ ଜଟିଆ ବ୍ରାହ୍ମଣୀ ନଦୀରୁ ବାଲି ଉତ୍ତୋଳନ କରି ଚାଲାଣ କରୁଥିଲେ ମଧ୍ୟ ସ୍ଥାନୀୟ ପୁଲିସ, ରାଜସ୍ୱ ବିଭାଗ, ଖଣି ବିଭାଗ ପକ୍ଷରୁ ନିରବଦ୍ରଷ୍ଟା ସାଜିଛନ୍ତି । ନଦୀ ଗର୍ଭରେ କୃତ୍ରିମ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ନିମନ୍ତେ ଅନୁଗୋଳ ଜିଲ୍ଲା ଜଳସେଚନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ବାଲି ମାଫିଆଙ୍କୁ ଅନୁକମ୍ପା ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଛି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

● ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

## ୫୫୦ ଜଣଙ୍କ ପରୀକ୍ଷା ଓ ଔଷଧ ବିତରଣ



ଢେଙ୍କାନାଳ,୨୬ ।୪(ସମିସ): ସ୍ଥାନୀୟ ସତସଙ୍ଗ ବିହାର ପରିସରରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ପ୍ରଶାସନ ସହଯୋଗରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରାମର୍ଶ ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । କଳିଙ୍ଗ ହସ୍ପିଟାଲର ଭେଷଜ, ଶିଶୁରୋଗ, ଅସ୍ଥିଶଲ୍ୟ, ହୃଦରୋଗ, କିଡ୍‌ନୀ ବିଶେଷଜ୍ଞ ତଥା ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ, ଦନ୍ତ, କର୍ଣ୍ଣ-ନାଶା-ଗଳା ବିଭାଗ ଚିକିତ୍ସକମାନେ ୫୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ । ଭୁବନେଶ୍ୱରର ପ୍ରତିଭା ମିଶ୍ର ଶିବିର ଉଦ୍‌ଘାଟନ କରିଥିଲେ । ସତସଙ୍ଗ ବିହାର ତରଫରୁ ସମସ୍ତଙ୍କ ପାଇଁ ଥଣ୍ଡା ପାନୀୟ, ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା । ମହାବୀର ପ୍ରସାଦ ତ୍ରିପାଠୀ, ରଘୁନାଥ ବସ୍ତିଆ, ସୁଶାନ୍ତ କୁମାର ଶତପଥୀ ଚିକିତ୍ସକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଶୁଭଦର୍ଶିନୀ ଏନ୍‌ଏସ୍ ଓ ରୁବି ବ୍ଲକ ବିଜେଡି ସଭାନେତ୍ରୀ





ଗଁଦିଆ,୨୬ ।୪(ସମିସ): ଗଁଦିଆ ବ୍ଲକ ଓ ଏନଏସି ପାଇଁ ମହିଳା ବିଜେଡି ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି । ପୂର୍ବତନ ପୋରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ାଙ୍କୁ ଗଁଦିଆ ଏନଏସି ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳଙ୍କୁ ଗଁଦିଆ ବ୍ଲକ ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି । ଏହି ନିଯୁକ୍ତି ମିଳିଥିବାରୁ ଶୁଭଦର୍ଶିନୀ ଓ ରୁବି ଦଳ ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ଡ. ନୃସିଂହ ଚରଣ ସାହୁ ଓ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## କୂଅରେ ଖସିପଡ଼ିଥିବା ମହିଳା ଉଦ୍ଧାର



ଗଁଦିଆ,୨୬ ।୪(ସମିସ): ଅସାବଧାନତା କାରଣରୁ ଜଣେ ୫୭ ବର୍ଷୀୟ ମହିଳା କୂଅ ମଧ୍ୟକୁ ଖସି ପଡ଼ିଥିବା ବେଳେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଛି । ପୋରୁହଖୋଜ କିଶାବନ୍ଧ ସାହି ଅଞ୍ଚଳର ମାଗୁଣି ଚରଣ ବିଶ୍ୱାଳଙ୍କ ପତ୍ନୀ ମାମା ବିଶ୍ୱାଳ ଭୋର ପ୍ରାୟ ସାଢ଼େ ୪ଟା ବେଳେ କୌଣସି କାରଣରୁ କୂଅ ମଧ୍ୟକୁ ଖସି ପଡ଼ିଥିଲେ । ପରିବାର ଲୋକେ ଏହା ଜାଣିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ରାଜେଶ କୁମାର ସାହୁ, ପବିତ୍ର ବେହେରା, ଆଲୋକ ବେହେରା, ଦେବଦତ୍ତ ଦାସ, ପ୍ରଭାସ କୁମାର ସାହୁ ପ୍ରମୁଖ ଅଗ୍ନିଶମ ବିଭାଗର ଏକ ଟିମ ପହଞ୍ଚି କୂଅ ଭିତରୁ ତାଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

## ମା’ କନକ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଢେଙ୍କାନାଳ,୨୬ ।୪(ସମିସ): ଓଡ଼ାପଡ଼ା ବ୍ଲକ ଖଡ଼କପ୍ରସାଦ ଗ୍ରାମରେ ମା’ କନକ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । କର୍ତ୍ତା ଭାବେ ଜିତେନ୍ଦ୍ର ବେହେରା କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ଅଙ୍କୁରାରୋପଣ, ୨୩ ତାରିଖ କଳସ ଯାତ୍ରା, ଅଧିବାସ ନାମ ସଙ୍କୀର୍ତ୍ତନ, ୨୪ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ସପ୍ତସତୀ ଚଣ୍ଡୀ ନାମ ସଙ୍କୀର୍ତ୍ତନ, ୨୫ ତାରିଖ ସକାଳ ସୂର୍ଯ୍ୟପୂଜା, ଗୋପୂଜା, ପ୍ରସାଦ ସେବନ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ହୋଇଥିଲା । ପ୍ରବଚକ ଡ. ଆଶୁତୋଷ ପ୍ରସାଦ ମିଶ୍ର ପ୍ରବଚନ ପ୍ରଦାନ କରିଥିଲେ । ପରେ ମା’ଙ୍କ ଆଲମ ଗ୍ରାମ ପରିକ୍ରମା କରି ମନ୍ଦିରରେ ସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର ସାମଲ, ବିନୋଦ ସାହୁ, ବିଜୟ ସାହୁ, ନରେନ୍ଦ୍ର ସାହୁ, ବିଜୟ ଧଳ ଯୋଗଦେଇ ମା’ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ସଞ୍ଜୟ ସାହୁ, ବିଜୟ ଧଳ, ନରୋତ୍ତମ ରାଉତ, ଆଦିକନ୍ଦ ବେହେରା, ଲଳିତ ସାହୁ, ଅନିଲ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ନଦୀରେ ବୁଡ଼ି ଯୁବକ ନିଖୋଜ

ଢେଙ୍କନାଳ,୨୬ ।୪(ସମିସ): ବ୍ରାହ୍ମଣୀ ନଦୀରେ ବୁଡ଼ି ଓଡ଼ାପଡ଼ା ବ୍ଲକ ମାନପୁର ଗ୍ରାମର ସୁଧାକର ସାହୁଙ୍କ ପୁଅ ସୁଶୀଳ ସାହୁ (୩୧) ନିଖୋଜ ହୋଇଯାଇଛନ୍ତି । ସାଙ୍ଗ ସହ ସୁଶୀଳ ରବିବାର ସକାଳ ୧୦ଟାରେ ଗାଁ ନିକଟ ନଦୀକୁ ଗାଧେଇବାକୁ ଯାଇଥିଲେ । ତେବେ ଅସାବଧାନତା ଯୋଗୁଁ ଗଭୀର ପାଣିରେ ବୁଡ଼ି ଯାଇଥିଲେ । ଖବର ପାଇ ଜିଏମଆର କାରଖାନାର ଅଗ୍ନିଶମ କର୍ମଚାରୀ ଓ ଓଡ଼ାପଡ଼ା ଦମକଳ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରିବା ସତ୍ତ୍ୱେ ସୁଶୀଳଙ୍କୁ ଉଦ୍ଧାର କରାଯାଇ ପାରିନାହିଁ । ଓଡ଼ାପଡ଼ା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି ।



## ପୋକ୍ସୋ ଆଇନ ସମ୍ପର୍କିତ ଆଲୋଚନାଚକ୍ର



ଢେଙ୍କାନାଳ,୨୬ ।୪(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ପୋକ୍ସୋ ଆଇନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧକ୍ଷା ଡ. ଶକୁନ୍ତଳା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ଅଧ୍ୟାପକ ଡ. ପଙ୍କଜ ବାରିକ ସଂଯୋଜନା କରିଥିଲେ । ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶିକା ମଧୁସ୍ମିତା ଦାସ ପୋକ୍ସୋ ଆଇନର ସଂଜ୍ଞା ଓ ଏହାର ପରିସର ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ । ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ପୋକ୍ସୋ ଆଇନରେ ଅପରାଧୀଙ୍କୁ ଦିଆଯାଉଥିବା ଦଣ୍ଡ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ମହାବିଦ୍ୟାଳୟର ଯୁକ୍ତତିନି ଦ୍ୱିତୀୟ ବର୍ଷ ଚତୁର୍ଥ ସେମିଷ୍ଟର ଇଣ୍ଟର୍ନସିପରେ ଭାଗନେଇଥିବା ଛାତ୍ରୀମାନେ ଯୋଗଦେଇଥିଲେ ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ପରଜଙ୍ଗ,୨୬ ।୪(ସମିସ): ପରଜଙ୍ଗ ଥାନା ଭାଲୁମୁଣ୍ଡା-ଆଲୁଅଝରଣା ପୂର୍ତ୍ତ ରାସ୍ତାର ବଡ଼ଜୋରା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ସାଆନ୍ଦା ଫାଣ୍ଡି ତରହତା ଗ୍ରାମର ସିଂହମ ନାଏକ । ତାଙ୍କ ସହ ବାଇକ୍‌ରେ ଯାଉଥିବା ସେହି ଗ୍ରାମର ପ୍ରଦୀପ ନାଏକଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି । ପ୍ରଦୀପ ଓ ସିଂଘମ ବାଇକ୍ ଯୋଗେ ଯାତ୍ରା ଦେଖିବାକୁ ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ସିଂଘମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପ୍ରଦୀପଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ପୁଲିସ ତଦନ୍ତ ଜାରି ରଖିଛି ।

## ଦହି ସର୍ବତ ବଣ୍ଟନ

ଢେଙ୍କାନାଳ,୨୬ ।୪(ସମିସ): ସ୍ଥାନୀୟ ବସଷ୍ଟାଣ୍ଡ ନିକଟ ହନୁମାନ ବାଟିକା ନିକଟରେ ଜିଲ୍ଲା ବନ୍ଧୁକ ଧାରୀ କଲ୍ୟାଣ ସଂଘ ପକ୍ଷରୁ ଦହି ସର୍ବତ ବଣ୍ଟନ କରାଯାଇଅଛି । ଏହି ମହତ କାର୍ଯ୍ୟ



ପାଇଁ ଅନେକ ବାଟୋଇ ଓ ବୁଦ୍ଧିଜୀବୀ ସଙ୍ଘକୁ ଧନ୍ୟବାଦ୍ ଜଣାଇଛନ୍ତି । ସଙ୍ଘର ବରିଷ୍ଠ ସଦସ୍ୟ କୁମୁଦ ଚନ୍ଦ୍ର ସାହୁ, ସଙ୍ଘ ସମ୍ପାଦକ ଗିରିଶ ଚନ୍ଦ୍ର ମହାଲିକ, ଉପସଭାପତି ତୋଫାନ ସାହୁ ଓ ସଦସ୍ୟ ନଟବର ପରିଡା, ସର୍ବେଶ୍ୱର ସାହୁ, ପ୍ରଦୀପ ନନ୍ଦ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ତୁଲାଇଥିଲେ ।

## କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ସଞ୍ଜୁବାଳା



ଗଁଦିଆ,୨୬ ।୪(ସମିସ): ବ୍ୟକ୍ତିଗତ ଓ ଶାରୀରିକ ଅସୁସ୍ଥତା ଯୋଗୁଁ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର କୋଷାଧ୍ୟକ୍ଷ ଡ. ଗଙ୍ଗୋତ୍ରୀ ଦେବୀ ଏପ୍ରିଲ ମାସ ୨୩ ତାରିଖରୁ ଇସ୍ତଫା ଦେଇଥିବାରୁ ତାଙ୍କ ସ୍ଥାନରେ ନୟାହାଟ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସଞ୍ଜୁବାଳା ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଡ. ଗଙ୍ଗୋତ୍ରୀ ଦେବୀ କୋଷାଧ୍ୟକ୍ଷ ଭାବେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଥିବାରୁ ତାଙ୍କୁ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶା ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଅଛି । ସଞ୍ଜୁବାଳା ମିଶ୍ର ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ପ୍ରଥମ ଅଧିବେଶନକୁ ଦକ୍ଷତାର ସହିତ ସମ୍ପାଦନା କରି ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସମସ୍ତଙ୍କ ନିକଟରେରେ ନିଜକୁ ଜଣେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଆସ୍ଥା ଭାଜକ ହୋଇ ପାରିଛନ୍ତି । ସଞ୍ଜୁବାଳା ମିଶ୍ରଙ୍କୁ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ଉପଦେଷ୍ଟା ତଥା ଅବସର ପ୍ରାପ୍ତ ବିଚାରପତି ସିବିଆଇ ଭିକାରୀ ଚରଣ ରାଉତ ଅଭିନନ୍ଦନ ଜଣାଇଛନ୍ତି ।

## ହନୁମାନଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା

ଭୁବନ,୨୬ ।୪(ସମିସ): ଭୁବନ ଏନ୍‌ଏସି ଲତବିଲସ୍ଥିତ ହନୁମାନଜୀଉଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗତ ଗୁରୁବାର ଠାରୁ ଆରମ୍ଭ ହୋଇ ଶନିବାର ଉଦଯାପିତ ହୋଇଛି । ଗୁରୁବାର ଅପରାହ୍ନରେ ରାମ ମନ୍ଦିରରେ ପୂଜାର୍ଚ୍ଚନା କରି ଶତାଧିକ ମହିଳା ପୁରୁଷ ବେଣାଗାଡ଼ିଆରୁ



ପବିତ୍ର ଜଳ ସଂଗ୍ରହ କରି ମନ୍ଦିରରେ ସ୍ଥାପନ କରିଥିଲେ । ପରେ ଅଙ୍କୁରାରୋପଣ, ମଣ୍ଡଳ ବିନ୍ୟାସ, ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ବ୍ୟାସ ମଳୟ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୀପକ ପୃଷ୍ଟି, ମୋନାଲିସା ପୃଷ୍ଟି, ସନାତନ ଦାସ, ରଶ୍ମିତା ଦାସ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଶନିବାର ଚଣ୍ଡୀପାଠ, ପୂର୍ଣ୍ଣାହୁତି ଓ ସଙ୍କୀର୍ତ୍ତନ ପରେ ପ୍ରାୟ ୨ ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଭୋଳେଶ୍ୱର ସାହୁ, ସୁକାନ୍ତ ସାହୁ, ଧନେଶ୍ୱର ବେହେରା, ମଙ୍ଗୁଳି ଚରଣ ପାତ୍ର, ବିନୋଦ ବେହେରା, ଦୀପକ ବେହେରା, ହୃଷୀକେଶ ନାୟକ, ବ୍ରହ୍ମାନନ୍ଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ୮୧ ୟୁନିଟ ରକ୍ତ ସଂଗ୍ରହ



କାମାକ୍ଷାନଗର,୨୬ ।୪(ସମିସ): ସାମାଜିକ ସଂଗଠନ ବିଦ୍ୟୁତପ୍ରଭା ଫାଉଣ୍ଡେସନ ପକ୍ଷରୁ ଜିରିଡ଼ାମାଳି ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଫାଉଣ୍ଡେସନ ଅଧକ୍ଷା ଲିପସା ପ୍ରଧାନ ଓ ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ୮୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ମୁଖ୍ୟଅତିଥି ଭାବେ ଫାଉଣ୍ଡେସନର ମାର୍ଗଦର୍ଶକ କୈଳାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅଞ୍ଚଳର ଛଅ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହିମାଂଶୁ ଶେଖର ମହାପାତ୍ର, ବ୍ୟୋମକେଶ ଦ୍ୱିବେଦୀ, ପର୍ଶୁରାମ ମହାଭୋଇ, ବିଭୁତି ଭୂଷଣ ସେଠୀ, ସୁମନ୍ତ ଜେନା ଓ ଆଲୋକ ରଞ୍ଜନ ତ୍ରିପାଠୀଙ୍କୁ ବିଦ୍ୟୁତପ୍ରଭା ଫାଉଣ୍ଡେସନ ତରଫରୁ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଫାଉଣ୍ଡେସନର ସଂଯୋଜକ ଚିରଞ୍ଜୀବ ମଲ୍ଲିକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ସହ ସମ୍ପାଦକ ବିନୋଦ ବିହାରୀ ସେଠୀ, ସଦସ୍ୟ ସଙ୍ଗୀତା ମିଶ୍ର, ଉପେନ୍ଦ୍ର ରାଉତ, ରଶ୍ମିରଞ୍ଜନ ପାତ୍ର, ହୃଦାନନ୍ଦ ସେଠୀ, ସୁପ୍ରିୟା ଦାସ, ଦୀନେଶ ସେନାପତି ପ୍ରମୁଖ ସହଯୋଗ କରିଥିଲେ । ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ୪ ବଖରା ଘର ଭସ୍ମୀଭୂତ

କଙ୍କଡ଼ାହାଡ଼,୨୬ ।୪(ସମିସ): କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତ କଣ୍ଟାପାଳ ଦଣ୍ଡେଇମରାପଡ଼ା ଗ୍ରାମରେ ଶନିବାର ରାତିରେ ନାକୁ ପଧାନଙ୍କ ଘରେ ଅଗ୍ନିକାଣ୍ଡ ଘଟି ୪



ବଖରା ଭସ୍ମୀଭୂତ ହୋଇଛି । ଘରର ସମସ୍ତ ଆସବାବପତ୍ର, ସାଇକେଲ, ରାସନ ସାମଗ୍ରୀ, ଲୁଗାପଟା, ସୁନାଗହଣା, ଗଚ୍ଛିତ ଖାଦ୍ୟ ସାମଗ୍ରୀ ସମେତ ଗୃହପାଳିତ ପଶୁ, କୁକୁଡ଼ା ପୋଡ଼ିଯାଇଛି । ଘର ପାଖରେ ରହୁଥିବା ୨ ପୁରୁଷ ଓ ୨ ମହିଳା ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ପରିବାର ପକ୍ଷରୁ କଙ୍କଡ଼ାହାଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି । ୪ ଜଣ ଆସି ମାରପିଟ କରିବା ସହ ଧମକ ଦେବାରୁ ସମସ୍ତେ ଘରୁ ପଳାଇ ଯାଇଥିଲେ । ଘରେ କେହି ନ ଥିବା ଅବସ୍ଥାରେ ସେହି ବ୍ୟକ୍ତିମାନେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଥାନା ଅଧିକାରିଣୀ କଳ୍ପନା ବେହେରା, ଢେଙ୍କାନାଳ ସାଇଣ୍ଟିଫିକ ଦଳ, କଙ୍କଡ଼ାହାଡ଼ ପ୍ରାଣୀ ଚିକିତ୍ସାଳୟ କର୍ମଚାରୀ ନାକୁଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରିଣୀ କହିଛନ୍ତି । ଅନ୍ୟପଟେ ୪ ଅଭିଯୁକ୍ତ ଫେରାର ହୋଇଯାଇଥିବା ସେ ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

କଙ୍କଡ଼ାହାଡ଼,୨୬ ।୪(ସମିସ): କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତ



କଣ୍ଟାପାଳ ଗ୍ରାମ ତୁନୁଯୋଡ଼ା ସାହିର ତାରାମଣି ସିଂହ (୮୦)ଙ୍କ ପରଲୋକ ଘଟିଛି । ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୬ ।୪(ସମିସ): କଳା ବିକାଶ କେନ୍ଦ୍ର ଠାରେ ଆର୍ଟ ଷ୍ଟେଟ କାଉନସିଂଲି ଅଫ ଆର୍ଟିଷ୍ଟଟ୍ରେନିଂ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଆନୁକୂଲ୍ୟରେ ଓଡିଶାର ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଓଡିଶାର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭକରିଥିବା ୯ ଜଣ ବ୍ୟକ୍ତିତ୍ୱଙ୍କୁ ସେମାନଙ୍କ କ୍ଷେତ୍ରରେ ପାରଦର୍ଶିତ ପାଇଁ ପୁରସ୍କୃତ କରାଯାଇଥିଲା । ସମାଜର ଅତି ଗରିବ ସ୍ତରର ବ୍ୟକ୍ତି ତଥା ଆଦିବାସୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଓଡିଶାର ୧୫ଟି ଜିଲ୍ଲାରେ ପ୍ରୟାସ ଜାରି ରଖିଥିବା ପଣ୍ଡା ହସପିଟାଲ ଗ୍ରୁପର ପ୍ରତିଷ୍ଠାତା ତଥା ଡ. ଶାନ୍ତିଭୂଷଣ ପଣ୍ଡା ନବରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଡ. ଶାନ୍ତିଭୂଷଣ ପଣ୍ଡାଙ୍କ ସହ ଡିଆଇଜି ସାର୍ଥକ ଷଡଙ୍ଗୀ ଓ ସୋନପୁର କଲେକ୍ଟର ନୃପରଞ୍ଜନ ସାହୁ ପୁରସ୍କୃତ ହୋଇଥିଲେ । ଓଡିଶାର କୋଣ ଅନୁକୋଣରୁ ଆସିଥିବା ଅତିଥିମାନଙ୍କ ଗହଣରେ ମାନପତ୍ର ଓ ଔପଢକନ ଦେଇ ଅତି ସମାରୋହରେ ଡ. ପଣ୍ଡାଙ୍କୁ ପୁରସ୍କାର ଦିଆଯାଇଥିଲା । ଏହି ସଭାରେ ରାଷ୍ଟ୍ରୀୟ ମାନବ ଅଧିକାର କମିଶନର ଜଷ୍ଟିସ ବିଦ୍ୟୁତ ରଞ୍ଜନ ପାଣିଗ୍ରାହୀ, ଯାଜପୁର ସାଂସଦ ରବିନାରାୟଣ ନାଏକ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ରହି ଡ. ପଣ୍ଡାଙ୍କୁ ସମ୍ମାନିତ କରିଥିଲେ । ଓଡିଶାର ସର୍ବୋଚ୍ଚ ପୁରସ୍କାର ଗ୍ରହଣ କରିଥିବାରୁ ଡା. ପଣ୍ଡା ଢେଙ୍କାନାଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରକାଶ କରିଛନ୍ତି ।

# ଆଇଆଇଏମସିରେ ବରା ଦିବସ

ଢେଙ୍କାନାଳ,୨୬ ।୪(ସମିସ):






ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆଇଆଇଏମସିରେ ବିଶ୍ୱ ବରା ଦିବସ ପାଳିତ ହୋଇଯାଇଛି । ଆଇଆଇଏମସି ଓ ଜଲରାମ ସ୍ୱିଟ୍ସ ମିଳିତ ଉଦ୍ୟମରେ ବିଶ୍ୱ ବରା ଦିବସ ଆୟୋଜନ ହୋଇଥିଲା । ଏହି ଦିବସରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ଢେଙ୍କାନାଳ ବରାର ଇତିହାସ, ସ୍ୱାଦ, ଉପାଦାନ, ବିଶ୍ୱାସତା ଓ ଆଦୃତ ବିଷୟରେ ଆଲୋଚନା କରିଥିଲେ । ଜିଆଇଟଗ ପାଇଁ ଡକୁମେଣ୍ଟେସନ ଚାଲିଛି । ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ବରାର ସ୍ୱାଦ ବିଷୟରେ ଦ ବିଷୟରେ କହିଥିଲେ । ଆଶିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ କାର୍ଯ୍ୟକ୍ରମ ଓ ଅଥିତି ପରିଚୟ ଦେଇଥିଲେ । ଜଲାରାମ ସ୍ୱିଟ୍ସର ଶୈଳେଶ କୋଟକ ବରା ବିଷୟରେ ଓ ବିନା ପିଆଜ ରସୁଣ ବରାର ସ୍ୱାଦ ସମ୍ପର୍କରେ ଉପସ୍ଥାପନା କରିଥିଲେ । ବିଭିନ୍ନ ରାଜ୍ୟର ଥିବା ଛାତ୍ର ଛାତ୍ରୀ ମାନେ ଢେଙ୍କାନାଳ ବରାକୁ ନ ମାସ ଧରି ଖାଇ ଭୁରି ଭୁରି ପ୍ରଶଂସା କରିଥିଲେ ଓ ଏହା ଜି ଆଇ ଟ୍ୟାଗକୁ ସମର୍ଥନ କରିଥିଲେ । ପରେ ପରେ ଜଳରାମ ସ୍ୱିଟ ତରଫରୁ ସମସ୍ତଙ୍କୁ ବରା ପ୍ରଧାନ କରାଯାଇଥିଲା ।

